# Akashvani, Sambalpur

# SAMBALPURI NEWS BULLETIN

## 19 November 2024- 6.47- 6.52 am.

********************************************

ମୁଖ୍ୟମନ୍ତ୍ରୀ- ସିଙ୍ଗାପୁର                    ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ସିଙ୍ଗାପୁର୍‌ର ଉପପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗ୍‌ଙ୍କୁ ଭେଟି କରି ଓଡିଶା ନ ଅଏତ୍‌କା ପୁଞ୍ଜି ନିବେଶ କର୍‌ବାର୍ ଉପରେ ଆଲୋଚନା କରିଛନ୍ । ଇତାର୍ ସହେତେ ଆଏବା ଜାନୁଆରୀ ମାସେ ହେବାର୍‌କେ ଥିବା ଉତ୍କର୍ଷ ଓଡିଶା- ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୍ -୨୦୨୫ଥି ଯୋଗ୍ ଦେବାର୍‌କେ ତାଙ୍କୁ ନିଉତା ଦେଇଛନ୍ । ଇନ୍ ଜନେଇ ଦିଆଯାଇପାରେ ଯେ, ସିଙ୍ଗାପୁର ଗସ୍ତଥି ଥିବା ମୁଖ୍ୟମନ୍ତ୍ରୀ ଆଏବା ଦୁଇଦିନ୍ ଭିନ୍ନ ଭିନ୍ନ ନିବେଶକମାନ୍‌କୁ ଭେଟି କରି ଓଡିଶା ନ ପୁଞ୍ଜି ନିବେଶ କର୍‌ବାର୍‌କେ ପ୍ରସ୍ତାବ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଭିଜନ ଡକ୍ୟୁମେନ୍ଟ ସମୟ ବୃଦ୍ଧି ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଭିଜନ୍ ଡକ୍ୟୁମେନ୍ଟ ତିଆରି ଲାଗି ପ୍ରସ୍ତାବ ଗ୍ରହଣ ତାରିଖ୍‌କେ ଆଏବା ମାସର୍ ୫ ତାରିଖ ତକ୍ ବଢାଯାଇଛେ । ଆଘୋନୁ ଇଟା ଆଏବା କାଏଲ୍ ତକ୍ ଥିଲା । ବିକଶିତ ଓଡିଶା -୨୦୩୬ ଆଉ ବିକଶିତ ଭାରତ୍-୨୦୪୭ ଲାଗି ତିଆରି କରାଯାଉଥିବା ଭିଜନ୍ ଡକ୍ୟୁମେନ୍ଟ ଲାଗି ନିଆଯାଉଥିବା ମତାମତ ଆର୍ ପ୍ରସ୍ତାବ୍ ଗ୍ରହଣର ସମିଆକେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ୍ ଉତାରୁ ବଢାଯାଇଛେ । ଗଲାକାଏଲ୍ ଭୁବନେଶ୍ୱର ଲୋକସେବା ଭବନ ନ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକଥି ଇ ନିଷ୍ପତି ନିଆଯାଇଛେ ।

ସବ୍ -ରେଜିଷ୍ଟ୍ରାର୍ ଅଫିସ୍ ଏଆଇ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର ଭିନ୍ ଭିନ୍ ସବ୍-ରେଜିଷ୍ଟ୍ରାର୍ କାର୍ଯ୍ୟାଳୟ ନ ମଧସ୍ଥିମାନ୍‌କୁ ଆର୍ଟିଫିସିଆଲ୍ ଇନ୍ଟଲିଜେନ୍ସ ଜରିଏ ନଜର୍ ରଖାଯିବା । ଇଥିର ଲାଗି ୨୦୩ଟା ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟନ ୮୭୨ଟା କେମେରା ଲଗାଯାଇଛେ । ଇ ବ୍ୟବସ୍ଥାକେ ଆଏଜ୍ ବିଭାଗୀୟ ମନ୍ତ୍ରୀ ଉଦ୍‌ଘାଟନ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମଧ୍ୟାହ୍ନ ଭୋଜନ ଟଙ୍କା ବୃଦ୍ଧି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ବିଦ୍ୟାଳୟମାନ୍‌କେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ୍ ଦାମ୍‌କେ ଫଁ’ ପିଲା ପିଛା ଟଙ୍କାଟେ ବଢାଯାଇଛେ । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ । ସୂଚନ୍ ଅନ୍‌ସାରେ, ଏତ୍‌କେ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଲାଗି ୬ଟଙ୍କା ୯୦ ପଇସା ଆଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଲାଗି ୯ଟଙ୍କା ୮୨ ପଇସା ଦିଆଯିବା । ଇନ ଜନେଇ ଦିଆଯାଇପାରେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲା ୧୪ତାରିଖ ଦିନ ସୁରଭୀ କାର୍ଯ୍ୟକ୍ରମଥି ଇ ବାବ୍‌ଦେ ଘୋଷନା କରିଥିଲେ । ଇ ବଢ୍‌ତି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ଘୋଷନା ଦିନ ଠାରୁ ଲାଗୁ ହେବା ବଲି ବିଭାଗ ତର୍‌ଫୁ କୁହାଯାଇଛେ ।

ରାଜ୍ୟର ସମସ୍ତଙ୍କ ପାଇଁ ବୀମା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ୨୦୪୭ ତକ୍ ସମକର୍ ଲାଗି ବୀମା ଲାଗୁ କର୍‌ବାର୍‌କେ ନିଷ୍ପତି ନିଆଯାଇଛେ ବଲି ଭାରତୀୟ ବୀମା ନିୟାମକ ଆଉ ବିକାଶ ପ୍ରାଧିକରଣର ସଦସ୍ୟ ସଚିବ ସତ୍ୟଜିତ୍ ତ୍ରିପାଠୀ କହିଛନ୍ । ଗଲାକାଏଲ୍ ଭୁବନେଶ୍ୱର ଠାନେ ଉନ୍ନୟନ କମିଶନର ଅନୁ ଗର୍ଗ ଆଉ ଅର୍ଥ ବିଭାଗ ସଚିବଙ୍କୁ ଭେଟି କରି ଶ୍ରୀ ତ୍ରିପାଠୀ ରାଏଜେ ବୀମା ହାର ଜାତୀୟ ହାର ଠାନୁ କମ୍ ଅଛେ ବଲି ଜନେଇଥିଲେ । ସବୁ ଅଂଶୀଦାରଙ୍କ ସାହାଜ୍‌ଥି ପହେଲା ରାଜ୍ୟସ୍ତରୀୟ ବୀମା କମିଟି ବୈଠକ ଆୟୋଜନ୍ କର୍‌ବାର୍‌କେ ଯୋଜନା ତିଆର୍ କରାଯାଇଛେ।

ମାଟ୍ରିକ ଫର୍ମପୂରଣ ତାରିଖ୍ ବଢ୍‌ଲା ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ-ବିଏସ୍‌ଇ ତର୍‌ଫୁ ହେଉଥିବା ମେଟ୍ରିକ୍ ପରୀକ୍ଷା ଲାଗି ଫର୍ମପୂରଣ ତାରିଖ୍ ଆଏବା ୨୫ତାରିଖ୍ ତକ୍ ବଢାଯାଇଛେ । ଆଘୋନୁ ଫର୍ମପୂରଣର ଶେଷ ତାରିଖ ଗଲାକାଏଲ୍ ତକ୍ ଥିଲା । ହେଲେ ଅନେକ ପରୀକ୍ଷାର୍ଥୀ ଧାରିଜ୍ ସମିଆ ଭିତ୍‌ରେ ଫର୍ମପୂରଣ ନାଇଁ କରିପାରିଥିବାର୍‌ନୁ ଇ ସମିଆକେ ବଢାଯାଇଛେ ।

ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ମତ୍ସ୍ୟ ଆଉ ପ୍ରାଣୀ ସଂପଦ ମେଳା ଇ ବଛର୍ ଫି’ ଜିଲ୍ଲା ହେଉଛେ । ଇ ମେଳା ଗଲା ୮ତାରିଖ୍‌ନୁ ମୂଲ୍ ହେଇଥିବାର୍ ବେଲେ ଆଏବା ମାସ ୨୩ତାରିଖ୍ ତକ୍ ଚାଲ୍‌ବା । ଇଥି ଜିଲ୍ଲାର ସବୁ ବ୍ଲକ୍‌ର ଚାଷୀମାନେ ଯୋଗ୍ ଦେଉଛନ୍ । ପ୍ରାଣୀପାଳକ, ଗୋପାଳକ, ମତ୍ସ୍ୟଜୀବୀ ଆଉ ମାଛଚାଷୀମାନ୍‌କୁ ଇ ମେଲ୍ ସାହାଜ୍ କରୁଛେ ।

ଇ-ସିପିଆର୍-ଯବାନ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବନେଶ୍ୱର ଏମ୍‌ସ ନ ଇ-ସିପିଆର୍ ଜରିଏ ୫ନେ ଯବାନଙ୍କୁ ଗଲାକାଏଲ୍ ବଂଚା ଯାଇପାରିଛେ । ଇ ଯବାନଙ୍କ ହାର୍ଟ ଦୁଇ ଘନ୍ଟା ତକ୍ କାମ୍ କର୍‌ବା ବନ୍ଦ ହେଇଯାଇଥିଲା । ହେଲେ ଏମ୍ସର ଡାକ୍ତରୀ ଦଲ୍ ଆଧୁନିକ ଚିକିତ୍ସା ଜ୍ଞାନକୌଶଲ୍ ଜରିଏ ତାଙ୍କୁ ବଂଚେଇ ପାରିଛନ୍ । ଓଡିଶା ସହେତେ ପୂର୍ବ ଭାରତ ନ ଇ ଘଟ୍‌ନା ପହେଲା ଆଏ ବଲି ଏମ୍‌ସ ତର୍‌ଫୁ କୁହାଯାଇଛେ ।

ଶ୍ରମିକ କଲ୍ୟାଣ ବୋର୍ଡ ସମ୍ବଲପୁର ସମ୍ବାଦଦାତା

ଓଡିଶା କୋଠାବାଡି ଆଉ ଅଲ୍‌ଗା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତର୍‌ଫୁ ସମ୍ବଲପୁରର ତପସ୍ୱିନୀ ହଲ୍ ନ ଗୁଟେ ସାହାଜ ବାନ୍ଟବାର କାର୍ଯ୍ୟକ୍ରମ ଗଲାକାଏଲ୍ ହେଇଯାଇଛେ । ଇଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇ କରି ୧୧୨ ଝନ୍‌ଙ୍କୁ ୧କୋଟି ୧୯ ଲାଖ୍ ୭୫ ହଜାର୍ ୨ଶହ ଟଙ୍କା ଆର୍ଥିକ୍ ସାହାଜ୍ ବାନ୍ଟିଥିଲେ । ଇତାର୍ ଛଡା ୨ଶହ ଝନ୍ ଯୋଗ୍ୟ ନିର୍ମାଣ ଶ୍ରମିକଙ୍କୁ ନୂଆ ପଞ୍ଜିକରଣ ପତ୍ର ବନ୍ଟାଯାଇଥିଲା ।

ସମବାୟ ସପ୍ତାହ ବରଗଡ ସମ୍ବାଦଦାତା

ବରଗଡ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ନ ସର୍ବଭାରତୀୟ ସମବାୟ ସପ୍ତାହର ଜିଲ୍ଲାସ୍ତରୀୟ ମହୋତ୍ସବ ଗଲାକାଏଲ୍ ହେଇଯାଇଛେ । ଇ ଅବ୍‌ସରେ ବରଗଡ ସବ୍‌ଡିଭିଜନ୍‌ର ଲହଣ୍ଡା, ପଦ୍‌ମପୁର ସବ୍‌ଡିଭିଜନ୍‌ର ମେଲ୍‌ଛାମୁଣ୍ଡା ଆଉ ଲାଉମୁଣ୍ଡାକେ ସବୁନୁ ଭଲ୍ ପେକ୍ସ ଭାବେ ପୁରସ୍କାର ଦିଆଯାଇଛେ । ସେନ୍ତା ସମ୍ବଲପୁର ଜିଲ୍ଲା କେନ୍ଦ୍ର ସମବାୟ ବେଙ୍କ୍‌ର ଭଟ୍‌ଲି ଶାଖାକେ ସର୍ବୋତମ ସିସିବି ଶାଖା ଭାବେ ପୁରସ୍କାର ଦିଆଯାଇଥିଲା ।  ସମବାୟ ସମିତି ଉପନିବନ୍ଧକ ଯୁଗଳ କିଶୋର ଦାସଙ୍କ ଅଧ୍ୟକ୍ଷତାଥି ହେଇଥିବା ଇ ଉତ୍ସବଥି ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ନିହାର ରଞ୍ଜନ ମହାନନ୍ଦ ଆଉ ସନ୍ନତ ଗଡତିଆ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ରାଏଜେ ଶୀତ ବଢ଼ଲା                                    ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର ଭିନ୍ନ ଭିନ୍ନ ଜାଗାନ ଗଲା ଦୁଇ ଦିନ୍ ହେଲା ଶୀତ୍ ହେଉଛେ । ଖାସ୍ କରି ଭିତିରିଆ ଇଲାକା ନ ତାପମାତ୍ରା କମ୍‌ବାର୍‌ନୁ ଶୀତ୍‌ର ପ୍ରଭାବ ସାମାଏନ୍ ବଢିଛେ । ଇ ସ୍ଥିତି ଆଗ୍‌କେ ଭିଲ୍ ଜାରି ରହେବାର୍‌କେ ଥିବାର୍ ବେଲେ କିଛି ଜାଗା ନ କୁହୁଡି ବଢ଼ବାର ସମ୍ଭାବନା ରହିଛେ । ଆଏଜ୍ ରାତିନୁ ଆଏବା କାଏଲ୍ ସଖାଲ୍ ଭିତ୍‌ରେ ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ବରଗଡ, କଳାହାଣ୍ଡି ଆଉ କନ୍ଧମାଳ ଜିଲ୍ଲା ନ କମ୍ ନୁ ମଧ୍ୟମ୍ ଧରଣର କୁହୁଡି ହେବା ବଲି ଭୁବନେଶ୍ୱର ଅଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ କୁହାଯାଇଛେ।